## ସଂକ୍ଷେପରେ

### କୂଅକୁ ଡେଇଁ ବୃଦ୍ଧାଙ୍କ ଆତ୍ମହତ୍ୟା

**ପାଟଣା,୭।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଖୁଣ୍ଟାପଡା ପଞ୍ଚାୟତ ଚାତର ପାଣି ଗ୍ରାମ ବନ୍ଧ ସାହିରେ ରବିବାର ରାତିରେ ଜଣେ ବୃଦ୍ଧା କୂଅକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ଜାଲମଣୀ ମହାନ୍ତ(୬୫)। ଘଟଣା ସ୍ଥଳରେ ସାହାରପଡା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ କୂଅରୁ ବାହାର କରିଛନ୍ତି। ପାଳରିବାରିକ କଳହକୁ କେନ୍ଦ୍ର କରି ଜାଲ ମାନସିକ ଭାରସାମ୍ୟ ହରାଇ ବାଡ଼ି ପଛ ପଟେ ଥିବା କୂଅକୁ ଡେଇଁ ପଡିଥିଲେ। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୨) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ବାଲି ବୋଝେଇ ହାଇୱାକୁ ଜରିମାନା

**ପାଟଣା, ୭।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ମୁମ୍ବାଇ କଲିକତା ୪୯ ନମ୍ବର ଏନ୍‌ଏଚ୍‌ର ତୁରୁମୁଙ୍ଗା ଥାନା ସମ୍ମୁଖରେ ପୋଲିସ ପକ୍ଷରୁ ସୋମବାର ମୋଟର ଯାନ ଯାଞ୍ଚ ହୋଇଛି। ଚଢେଇଭୋଳରୁ ବେଆଇନ ଭାବେ ବାଲି ନେଇ ଆସୁଥିବା ଏକ ହାଇୱାକୁ ପୋଲିସ ଜବତ କରି ପାଟଣା ତହସିଲକୁ ହସ୍ତାନ୍ତର କରିଥିଲା। ବେଆଇନ ବାଲି ବୋଝେଇ ଗାଡି ମାଲିକ ଖୁର୍ସିଦ ଆଲମଙ୍କ ଠାରୁ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ ୩୦ ହଜାର ଟଙ୍କା ଜରିମାନା ଆଦାୟ କରିଥିବା କରିଛନ୍ତି।

### ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ

**ଚମ୍ପୁଆ, ୭।୩(ଡି.ଏନ.ଏ):** ଫାଇଲେରିଆ ରୋଗକୁ ନାଶ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡା. ଉମାକାନ୍ତ ସାହୁ ଏଲଆଇସି କଲୋନି ଠାରେ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଘରକୁ ଘର ବୁଲି ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଭଲେଣ୍ଟିୟର ଓ ସୁପରଭାଇଜରମାନେ ଏନ୍‌ଏସିର ୧୧ ଗୋଟି ୱାର୍ଡରେ କରିବେ। ୧୫,୯୨୩ ଜଣଙ୍କୁ ଫାଇଲେରିଆ ପ୍ରତିଶୋଧକ ଔଷଧ ପ୍ରଦାନ କରାଯିବ। ଗର୍ଭବତୀ ସ୍ତ୍ରୀ, ୨ ବର୍ଷରୁ କମ୍ ପିଲା, ଅତି ଅସୁସ୍ଥ ଲୋକମାନଙ୍କୁ ଏହା ନିଷେଧ ହୋଇଥିବା ବେଳେ ଚିକିତ୍ସାଳୟର ଡାକ୍ତର ଧର୍ମପଦ ଦାସଙ୍କ ତତ୍ତ୍ୱାବଧାନରେ ର୍ୟାପିଡ୍ ରେସ୍‌ପନ୍ସ ଟିମ୍ ଏହାର ତଦାରଖ କରିବେ। ଯେଉଁମାନେ ଏହି ଔଷଧ ପାଇବାରୁ ବଞ୍ଚିତ ଥିବେ ସେମାନେ ୧୦ ରୁ ୧୬ ତାରିଖ ଭିତରେ ଏହା ଗ୍ରହଣ କରି ପାରିବେ । ଏହି କାର୍ଯ୍ୟକ୍ରମରେ ସୁପରଭାଇଜର , ଅଙ୍ଗନୱାଡି କର୍ମି ଓ ସ୍ୱାସ୍ଥ୍ୟକର୍ମୀ ମାନେ ଯୋଗ ଦେଇଥିଲେ।

### ଯୁବ ଦକ୍ଷତା ବିକାଶ କର୍ମଶାଳା

**ଭଣ୍ଡାରିପୋଖରୀ, ୭।୩ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିବେକାନନ୍ଦ ଯୁବସଂସଦ ଓ ନେହେରୁ ଯୁବକେନ୍ଦ୍ର ମିଳିତ ଆନୁକୂଲ୍ୟରେ ଯୁବ ଦକ୍ଷତା ବିକାଶ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂସଦର ଭଦ୍ରକ ଜିଲା ଉପସଭାପତି, ଅଧ୍ୟାପକ ଚିନ୍ତାମଣି ମହାକୁଡ଼ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାରତୀୟ କେନ୍ଦ୍ରୀୟ ବ୍ୟାଙ୍କ ଯାଜପୁର ଶାଖା ପରିଚାଳକ ଡ. ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ଯୁବକମାନଙ୍କ ପାଇଁ ସରକାର ପ୍ରୋତ୍ସାହନ ଓ ଆତ୍ମନିର୍ଭରଶୀଳ ହେବା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଜେଏମ୍‌ସିର ସହକାରୀ ପ୍ରଫେସର ଡ. ଦେବୀଲାଲ ମିଶ୍ର ବିଭିନ୍ନ ଯୋଜନା ମାଧମରେ କିପରି ଯୁବବର୍ଗ ଆତ୍ମନିର୍ଭରଶୀଳ ହେଇପାରବେ ସେ ବିଷୟରେ କହିଥିଲେ। ଦ୍ୱିତୀୟ ଅଧିବେଶନରେ 'ଯୁବବର୍ଗର ମାନସିକ, ଶାରୀରିକ ସମସ୍ୟା ଓ ନିରାକରଣ' ବିଷୟରେ ଆଲୋଚନା କରାଯାଇଥିଲା। ସଭାପତି ଭାବେ ଧାମନଗର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସୁରଞ୍ଜନ ପଣ୍ଡା, ମୁଖ୍ୟବକ୍ତା ନାଆଁମୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ବିଷ୍ଣୁ ପ୍ରସାଦ ଜେନା ଏବଂ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଡ. ଆଶୁତୋଷ ବଳ ଯୋଗ ଦେଇଥିଲେ। ସଭାକୁ ସଂଯୋଜନା କରିଥିଲେ ସୁରେନ୍ଦ୍ର ନାଥ ଜେନା। ପୂର୍ବତନ ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ଜେନା, ପୂର୍ବତନ ଜିଲା ଶିକ୍ଷାଧିକାରୀ ପଦ୍ମଲୋଚନ ଦାସ, ଅଧାପକ ଅକ୍ଷୟ ଯେନା, ଅଧାପିକା ବିଭୁକଲ୍ୟାଣୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏଥର ତ୍ରିମୁଖୀ ଲଢ଼େଇ

## କେନ୍ଦୁଝରଗଡ଼ ପୌରପାଳିକା ନିର୍ବାଚନ

**କେନ୍ଦୁଝର, ୭।୩ (ସ୍ୱ.ପ୍ର.)**

ପୌରନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ସୋମବାର ଥିଲା ଶେଷ ଦିନ। ଚଳିତ ନିର୍ବାଚନରେ ପୌରାଧ୍ୟକ୍ଷ ନିର୍ବାଚନ ବହୁ ବର୍ଷ ପରେ ସିଧାସଳଖ ହେବାକୁ ଯାଉଛି। ଏଣୁ ଏନେଇ ଉତ୍କଣ୍ଠା ପ୍ରକାଶ ପାଇଛି। କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷ ପଦବୀ ଅଣ ସଂରକ୍ଷିତ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ବହୁ ଆଶାୟୀ ନିରାଶ ହୋଇଛନ୍ତି। ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ସମେତ ଆମ ଆଦମୀ ପାର୍ଟି ଏବଂ ବିଏସ୍‌ପି ଦଳର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ବାଚନରେ ତ୍ରିମୁଖୀ ଲଢେଇ ହେବାକୁ ଯାଉଥିବା କୁହାଯାଉଛି। ଅନ୍ୟପକ୍ଷରେ ରାଜନୀତିରେ ଅଭିଜ୍ଞତା ନ ଥାଇ ମହିଳାମାନେ ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବାରୁ ପରିବାର ବା ଦଳର ସ୍ଥିତି ସେମାନଙ୍କ ଜିତହାର ନିର୍ଦ୍ଧାରଣ କରିବ ବୋଲି ମତପ୍ରକାଶ ପାଉଛି।

ପୌରପାଳିକାରେ ୪ଥର କାଉନ୍‌ସିଲର ହୋଇଥିବା କୃଷ୍ଣଚନ୍ଦ୍ର ରାଉତଙ୍କ ସ୍ତ୍ରୀ ଅର୍ଚ୍ଚନା ସାହୁଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଅର୍ଚ୍ଚନାଙ୍କ ବାପା ଯାଜପୁରରୋଡ୍ ପୌରପାଳିକାର ଉପାଧ୍ୟକ୍ଷ ଥିଲେ। ଏଣୁ ସିଧାସଳଖ ରାଜନୀତିରେ ସଂଶ୍ଳିଷ୍ଟ ନ ଥିଲେ ହେଁ ପରିବାରର ରାଜନୈତିକ ଅଭିଜ୍ଞତା ତାଙ୍କ ପାଇଁ ସୁବିଧାଜନକ ହେବ। ଏହା ବ୍ୟତୀତ ଜିଲା ପରିଷଦ ନିର୍ବାଚନରେ ବିଜେଡି ଏକତରଫା ବିଜୟ ହାସଲ କରି କର୍ମୀଙ୍କୁ ଉତ୍ସାହିତ କରିଥିବା ବେଳେ ଏହି ନିର୍ବାଚନରେ ପୁଣି ବାଜିମାତ କରିବା ନିଶ୍ଚିତ ଭାବରେ ସହାୟକ ହେବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତବ୍ୟକ୍ତ କରୁଛନ୍ତି। ଅର୍ଚ୍ଚନାଙ୍କ ପ୍ରାର୍ଥୀତ୍ୱ ଘୋଷଣା ପରେ ବିଜେଡିରେ ବହୁ ଆଶାୟୀଙ୍କ ମୁହଁ ଚୁପ ହୋଇଯାଇଛି । କେତେକ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ପ୍ରତିବାଦ କରିଥିଲେ ହେଁ ନିର୍ବାଚନରେ ସେମାନଙ୍କ ଭୂମିକା କ'ଣ ହେବ ସେ ନେଇ ବିଜେଡି ଦଳ ତଥା ବିରୋଧୀ ଅନେଇ ରହିଛନ୍ତି। ଭାଜପା ସେଭଳି ଦୃଢ ରାଜନୈତିକ ଅଭିଜ୍ଞତା ନ ଥିବା ପରିବାରର ସଦସ୍ୟା ତଥା ବ୍ୟବସାୟୀ ସ୍ୱର୍ଗତ ବାଇଧର ସାହୁଙ୍କ ବୋହୂ ନିକୁ ସାହୁଙ୍କୁ ପ୍ରାର୍ଥୀ କରିଛି। ଜିଲା ପରିଷଦ ନିର୍ବାଚନରେ ଭାଜପାର ଶୋଚନୀୟ ପରାଜୟ ପରେ ନିରୁତ୍ସାହିତ କର୍ମୀ ଓ ନେତାଙ୍କ ମଧ୍ୟରେ ନୂଆ ସେଭଳି ପ୍ରଭାବ ନାହିଁ। ତେବେ ସେମାନେ ଶୃଙ୍ଖଳିତ ଦଳର ନେତା ଓ କର୍ମୀ ଭାବେ କାମ କରିବେ ବୋଲି କହିଛନ୍ତି। କଂଗ୍ରେସ ଦଳ ପୂର୍ବତନ ପୌରାଧ୍ୟକ୍ଷ ତଥା ସ୍ୱର୍ଗତ ଡକ୍ଟର ଉଦୟନାଥ ସାହୁଙ୍କ ବୋହୂ ତଥା ସାମାଜିକକର୍ମୀ ଦିଲୀପ ସାହୁଙ୍କ ସ୍ତ୍ରୀ ପ୍ରାଚୀବାଳା ସାହୁଙ୍କୁ ପ୍ରାର୍ଥୀ କରିଛି। ଜଣେ ଉଚ୍ଚ ଶିକ୍ଷିତା ପ୍ରାଚୀବାଳାଙ୍କ ମଧ୍ୟ ସିଧାସଳଖ ରାଜନୀତିରେ ଅଭିଜ୍ଞତା ନ ଥିଲେ ହେଁ ପ୍ରଥମ ଥର ପାଇଁ ସିଧାସଳଖ ପୌରାଧ୍ୟକ୍ଷ ନିର୍ବାଚନ ଜିତିଥିବା ତାଙ୍କ ଶ୍ୱଶୁରଙ୍କ କାମକାର୍ଯ୍ୟ ଓ ଲୋକାଦୃତ ସେବାର ଫାଇଦା କେତେଦୂର ଉଠାଇପାରିବେ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି।

## କଂଗ୍ରେସରୁ ପୌରାଧ୍ୟକ୍ଷ ପ୍ରାର୍ଥୀ ହେଲେ ମମତା



ଶୋଭାଯାତ୍ରାରେ ପ୍ରାର୍ଥୀ ମମତା ମହାନ୍ତି ଓ ଅନ୍ୟମାନେ।

**ବାସୁଦେବପୁର,୭।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ଅଧ୍ୟକ୍ଷ ପଦବୀ ପାଇଁ କଂଗ୍ରେସରୁ ମମତା ମହାନ୍ତି ପ୍ରାର୍ଥୀ ହୋଇଛନ୍ତି। ସୋମବାର ସମର୍ଥକ ଓ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଶୋଭାଯାତ୍ରାରେ ସହର ପରିକ୍ରମା କରି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ମମତା ହେଉଛନ୍ତି ଦେଉଳି ଗ୍ରାମର ବିଶିଷ୍ଟ ଯୁବ ବ୍ୟବସାୟୀ ବିଜୟ ମହାନ୍ତିଙ୍କ ସ୍ତ୍ରୀ। ପିସିସି ସାଧାରଣ ସମ୍ପାଦକ ତଥା କଂଗ୍ରେସ ନେତା ଅଶୋକ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ନାରୀନେତ୍ରୀ ମଧୁମିତା ସେଠୀ, ବ୍ଲକ ସଭାପତି ରମେଶ ଚନ୍ଦ୍ର ବଳ, ନଗର ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ବିଜୟ ମହାନ୍ତି, ପୂର୍ବତନ କାଉନସିଲର ଜୟୀରାମ ମହାନ୍ତି, ରତ୍ନାକର ମଲିକ, ପୂର୍ବତନ କାଉନସିଲର ତୋହିଦ ଖାଁ, ଗଙ୍ଗାଧର ବାରିକ, ପ୍ରବୋଧ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଭାତ ବାରିକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶେଷରେ ପ୍ରାର୍ଥୀ ମମତା ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅନିତା ନାୟକଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

# ଶୋଭାଯାତ୍ରାରେ ହେଭିୱେଟ୍



ବିଜେଡି ପକ୍ଷରୁ ଅଧ୍ୟକ୍ଷ ପଦ ପାଇଁ ସବିତା ସାହୁ ନାମାଙ୍କନ ଦାଖଲ କରୁଛନ୍ତି।



ଭାଜପା ଅଧ୍ୟକ୍ଷ ପ୍ରାର୍ଥିନୀ ରଶ୍ମିରେଖା ଦେବ।



କଂଗ୍ରେସ ଅଧ୍ୟକ୍ଷ ପ୍ରାର୍ଥିନୀ ପ୍ରଜ୍ଞା ପାରମିତା ବିଶ୍ୱାଳ।

**ବାଲେଶ୍ୱର ଅଫିସ, ୭।୩**

ବାଲେଶ୍ୱର ଜିଲାରେ ପୌର ନିର୍ବାଚନ ପାଇଁ ସୋମବାର ନାମାଙ୍କନ ପତ୍ର ଦାଖଲ ସରିଛି। ଶେଷ ଦିନରେ ପ୍ରାର୍ଥୀମାନେ ହେଭିୱେଟ୍ ନେତାଙ୍କ ସହ ଶୋଭାଯାତ୍ରାରେ ଆସି ବାଲେଶ୍ୱର ପୌରାଞ୍ଚଳ ଅଫିସ୍‌ରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାଲେଶ୍ୱର ପୌରାଞ୍ଚଳ ପାଇଁ ଶେଷଦିନ ସୁଦ୍ଧା ବିଜେଡି, ଭାଜପା, କଂଗ୍ରେସ, ଆପ୍ ସହ ସ୍ୱାଧୀନ ପ୍ରାର୍ଥୀ ଭାବେ ୧୩୨ଜଣ କାଉନସିଲର ପାଇଁ ଓ ୬ଜଣ ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସୋମବାର ପ୍ରମୁଖ ଦଳ ଗୁଡ଼ିକର ପ୍ରାର୍ଥୀମାନେ ନିଜର ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ମନ୍ଦିରରେ ପୂଜାର୍ଚ୍ଚନା କରି ନାମାଙ୍କନପତ୍ର ଦାଖଲ ପାଇଁ ପଟୁଆରରେ ଶୋଭାଯାତ୍ରା କରି ପୌରାଞ୍ଚଳ ଅଫିସ୍‌ରେ ପହଞ୍ଚିଥିଲେ। ପୂର୍ବାହ୍ନ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଥିଲେ। ବିଜେଡିରୁ ଅଧ୍ୟକ୍ଷ ପ୍ରାର୍ଥିନୀ ଭାବେ ସବିତା ସାହୁ, ଭାଜପା ପ୍ରାର୍ଥିନୀ ଭାବେ ରଶ୍ମିରେଖା ଦେବ, କଂଗ୍ରେସ ପ୍ରାର୍ଥିନୀ ଭାବେ ପ୍ରଜ୍ଞା ପରମିତା ବିଶ୍ୱାଳ, ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ପ୍ରାର୍ଥିନୀ ଭାବେ ଚିତ୍ରାରାଣୀ ପାତ୍ର, ସ୍ୱାଧୀନ ପ୍ରାର୍ଥିନୀ ଭାବେ ସନ୍ଧ୍ୟାରାଣୀ ଚକ୍ରବର୍ତ୍ତୀ ନାମାଙ୍କନପତ୍ର ଦାଖଲ କରିଥିଲେ। ରବିବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ପ୍ରାର୍ଥିନୀ ସବିତା ରାଣୀ ଦାସ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ଉକ୍ତ ଦଳ ଗୁଡ଼ିକରୁ ୯୭ଜଣ କାଉନ୍‌ସିଲର ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେଡି ଅଧ୍ୟକ୍ଷ ପଦ ପାଇଁ ସବିତା ସାହୁ ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିବା ବେଳେ ତାଙ୍କ ସହ ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରାଜ୍ୟ ମହିଳା ଉପସଭାପତି ସୁବାସିନୀ ଜେନା ପ୍ରମୁଖ ଛାମୁଆ ନେତା ଉପସ୍ଥିତ ଥିଲେ। ସେହିପରି ଭାଜପା ପ୍ରାର୍ଥିନୀ ରଶ୍ମିରେଖା ଦେବଙ୍କ ସହ ଜିଲାସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାସ, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ପ୍ରାର୍ଥିନୀ ପ୍ରଜ୍ଞା ପରମିତା ବିଶ୍ୱାଳଙ୍କ ସହ ଜିଲା ସଭାପତି ସଞ୍ଜୀବ ଗିରି, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ପୂର୍ବତନ ପୌର ଉପାଧ୍ୟକ୍ଷା ବିଳାସିନୀ ବେହେରା, ଜିଲା ସାଧାରଣ ସମ୍ପାଦକ ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ବାଲେଶ୍ୱର ପୌରାଞ୍ଚଳରୁ ୬ଜଣ ଅଧ୍ୟକ୍ଷ, ୩୧ୱାର୍ଡ଼ ପାଇଁ ୧୩୨ଜଣ କାଉନ୍‌ସିଲର, ଜଳେଶ୍ୱର ପୌରାଞ୍ଚଳ ୫ଜଣ ଅଧ୍ୟକ୍ଷ ଓ ୧୭ ୱାର୍ଡ଼ ପାଇଁ ୭୫ ଜଣ କାଉନ୍‌ସିଲର, ସୋର ପୌରାଞ୍ଚଳରୁ ୬ଜଣ ଅଧ୍ୟକ୍ଷ ଓ ୧୯ ୱାର୍ଡ଼ ପାଇଁ ୮୫ ଜଣ କାଉନସିଲର, ନୀଳଗିରି ଏନ୍‌ଏସିରୁ ୫ଜଣ ଅଧ୍ୟକ୍ଷ, ୧୩ ୱାର୍ଡ଼ ପାଇଁ ୪୪ଜଣ କାଉନ୍‌ସିଲର ଏବଂ ରେମୁଣା ଏନ୍‌ଏସିରୁ ୩ଜଣ ଅଧ୍ୟକ୍ଷଙ୍କ ସମେତ ୧୩ ୱାର୍ଡ଼ ପାଇଁ ୫୧ ଜଣ କାଉନ୍‌ସିଲର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ପୌରନିର୍ବାଚନ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ସୂଚନା ଦେଇଛନ୍ତି।

### ଫ୍ଲାଏଓଭର ନିର୍ମାଣ ଦାବିରେ ରେଳରୋକୋ

**ଭଦ୍ରକ ଅଫିସ, ୭।୩**

ଫ୍ଲାଏଓଭର ନିର୍ମାଣ ଦାବିରେ ସୋମବାର ଭଦ୍ରକ ଜିଲା ଚରମ୍ପା ଡଗରାସାହି ନିକଟରେ ରେଳରୋକୋ କରାଯାଇଥିଲା। ପ୍ରତି ମାସ ୭ ତାରିଖରେ ଏଠାରେ ରେଳ ଧାରଣା ଉପରେ ବସି ରହି ଆନ୍ଦୋଳନ କରାଯାଇ ଆସୁଥିଲା। ପୂର୍ବତନ ବିଧାୟକ ନରେନ ପଲାଇଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ ଡଗରାସାହି ଲେଭଲ କ୍ରସିଂଠାରେ ଏହି ଆନ୍ଦୋଳନ କରିଆସୁଥିଲେ। ସୋମବାର ପ୍ରାୟ ଅଧଘଣ୍ଟା ରେଳରୋକୋ ପରେ ଆସନ୍ତା ଅଗଷ୍ଟ ପହିଲାରୁ କାର୍ଯ୍ୟ ଆରମ୍ଭ ନେଇ ରେଲୱେ ପକ୍ଷରୁ ଉଲ୍ଲେଖ ଥିବା ଚିଠି ଦେଖିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଥାଉକି, ଡଗରାସାହି ଠାରେ ଓଭରବ୍ରିଜ୍ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଦାବି ହୋଇଆସୁଥିବା ବେଳେ ଅର୍ଥରାଶି ମଞ୍ଜୁର ସତ୍ତ୍ୱେ କାର୍ଯ୍ୟ ବିଳମ୍ବ ଯୋଗୁ ଏଭଳି ରେଳରୋକୋ କରାଯାଉଥିଲା।

## ୩ ପୌରାଧ୍ୟକ୍ଷ, ୭୮ କାଉନସିଲର ପ୍ରାର୍ଥୀଙ୍କ ନାମାଙ୍କନ



ଏମ୍‌ପି, ବିଧାୟକଙ୍କ ଉପସ୍ଥିତିରେ ବିଜେଡି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

**ଭଦ୍ରକ ଅଫିସ, ୭।୩**

ଭଦ୍ରକ ପୌରପାଳିକା ନିର୍ବାଚନ ପାଇଁ ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷଦିନରେ ୩ଜଣ ପୌରାଧ୍ୟକ୍ଷ ଓ ୭୮ ଜଣ କାଉନସିଲର ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୌରାଧ୍ୟକ୍ଷ ପାଇଁ ଅମିତାବାଳା ଆଚାର୍ଯ୍ୟ, ନହିଡ ତବରେଜ ଓ ସସ୍ମିତା ମିଶ୍ର ନାମାଙ୍କନ ଦାଖଲ କରିଛନ୍ତି। ଅମିତା କଂଗ୍ରେସରୁ ଓ ସସ୍ମିତା ବିଜେଡି ପକ୍ଷରୁ ନାମାଙ୍କନ ଭରିଛନ୍ତି। ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ବେଳେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଈଶାଣୀ ବୈଶାଖୀ ମହୋତ୍ସବ ପାଇଁ ପ୍ରସ୍ତୁତି

**ବାଲେଶ୍ୱର ଅଫିସ, ୭।୩**

ବାଲେଶ୍ୱର ସହର ଉପକଣ୍ଠ ଈଶାଣୀ ଉଡ଼ାଯାତ୍ରା ପଡ଼ିଆ ବାସନ୍ତୀ ମଣ୍ଡପ ପ୍ରାଙ୍ଗଣରେ ଈଶାଣୀ ବୈଶାଖୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଭାଗବତ ସାହୁଙ୍କ ପ୍ରାରମ୍ଭିକ ସୂଚନା ପରେ କମିଟି ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି ପୌରୋହିତ୍ୟ କରି ମହୋତ୍ସବର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ଏପ୍ରିଲ ୭ରୁ ୧୧ ପର୍ଯ୍ୟନ୍ତ ୨୪ତମ ବାସନ୍ତୀ ପୂଜାଉତ୍ସବ, ଏପ୍ରିଲ୍ ୧୦ରୁ ୧୪ପର୍ଯ୍ୟନ୍ତ ୩୬ତମ ଉଡ଼ାଯାତ୍ରା ଉତ୍ସବ ଏବଂ ଏପ୍ରିଲ୧୦ ରାମନବମୀରୁ ୧୪ ତାରିଖ ପର୍ଯ୍ୟନ୍ତ ୫ଦିନିଆ ବୈଶାଖୀ ମହୋତ୍ସବ ପାଳନ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କମିଟି ଉପସଭାପତି ନରେନ୍ଦ୍ର ଦାସ, କବି ଶ୍ରୀଦେବ, ନିର୍ବାଚିତ ୱାର୍ଡ଼ସଦସ୍ୟ ମନ୍ମଥ ମାଝି ଓ ସସ୍ମିତା ଦାସ, ଭାଗବତ ସାହୁ, ଲକ୍ଷ୍ମୀଧର ସ୍ୱାଇଁ, ନରେନ୍ଦ୍ର ଦାସ, ମହେନ୍ଦ୍ର ମହାଳିକ, ରାମଚନ୍ଦ୍ର ଦାସ, ପଞ୍ଚାନନ ଦାସ, ଅଞ୍ଜନ କୁମାର ଦାସ, ଦୀନବନ୍ଧୁ ଦାସ ଓ ଦୀନବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାର୍ଥିପତ୍ର ଦାଖଲବେଳେ ଦୁଲୁକିଲା ଯୋଡ଼ା

**ଯୋଡ଼ା,୭।୩(ଡି.ଏନ.ଏ.)**

ଯୋଡ଼ା ପୌରପାଳିକାର ଅଧ୍ୟକ୍ଷ ପଦବୀ ପାଇଁ ସୋମବାର ପ୍ରାର୍ଥୀପତ୍ର ଦାଖଲ ବେଳେ ସହର ଦୁଲୁକିଥିଲା। ପୂର୍ବାହ୍ନରୁ ବିଜେଡି, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀ ପଟୁଆରରେ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବିଜେଡିର ପ୍ରାର୍ଥୀ ଡା. ଜଗଦୀଶ ସାହୁଙ୍କ ସମର୍ଥକ ମାନେ ବାଜା, ବାଣ ଫୁଟାଇ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଭାଜପା ପକ୍ଷରୁ ଅଧ୍ୟକ୍ଷ ପ୍ରାର୍ଥୀ ସୁଶାନ୍ତ ବେବର୍ତ୍ତା ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜିଲା ବିଜେଡି ଉପସଭାପତି ରବୀନ୍ଦ୍ର କୁମାର ଦାସ ନିଜ ସମର୍ଥକଙ୍କୁ ନେଇ ସ୍ୱାଧୀନ ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେ ପୂର୍ବରୁ ବିଜେଡି ଆଶାୟୀ ପ୍ରାର୍ଥୀ ଥିଲେ। ନିଜର ଅସନ୍ତୋଷକୁ ନେଇ ସେ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିବା କହିଛନ୍ତି। କଂଗ୍ରେସ ପକ୍ଷରୁ ପୂର୍ବତନ ନଗର ପାଳ କରୁଣାକର ପାତ୍ର ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବିଜେଡିରୁ ଟିକେଟ ନ ପାଇ ପୁରୁଖା ନେତା ସନ୍ତୋଷ କୁମାର ବଳ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ସୋମବାର ଅନ୍ତିମ ଦିନରେ ସମୁଦାୟ ଅଧ୍ୟକ୍ଷ ପ୍ରାର୍ଥୀ ପାଇଁ ୧୦ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ କାଉନ୍‌ସିଲର ପଦବୀ ପାଇଁ ୬୬ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଯୋଡ଼ାରେ ୧୪ ୱାର୍ଡ ରହିଛି। ବିଜେଡି ୧୪ ୱାର୍ଡରେ କାଉନ୍‌ସିଲର ପ୍ରାର୍ଥୀ ଦେଇଥିବା ବେଳେ ଭାଜପା ୧୩ ୱାର୍ଡରେ ନିଜର ପ୍ରାର୍ଥୀ ଦେଇଛି। ସେହିପରି କଂଗ୍ରେସ ମାତ୍ର ୬ଟି ୱାର୍ଡରେ କାଉନ୍‌ସିଲର ପ୍ରାର୍ଥୀ ଦେଇ ନିର୍ବାଚନ ଲଢୁଛି।

# ଶେଷ ଦିନରେ ଭିଡ଼ ଜମିଲା

## ଉଦଳା, କରଞ୍ଜିଆ ଏନ୍‌ଏସି ଓ ରାଇରଙ୍ଗପୁର ପୌର ପରିଷଦ ନିର୍ବାଚନ

**ଉଦଳା/ରାଇରଙ୍ଗପୁର/ ଠାକୁରମୁଣ୍ଡା, ୭।୩(ଡି.ଏନ.ଏ.)**

ପୌର ପରିଷଦ ନିର୍ବାଚନର ପ୍ରାର୍ଥିପତ୍ର ଦାଖଲ ଲାଗି ସୋମବାର ଶେଷ ଦିନରେ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ଉଦଳା, କରଞ୍ଜିଆ ଏନ୍‌ଏସି ଓ ରାଇରଙ୍ଗପୁର ପୌର ପରିଷଦ ନିର୍ବାଚନ ପାଇଁ ବିଭିନ୍ନ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୧୨ଟି ୱାର୍ଡକୁ ନେଇ ଗଠିତ ଉଦଳା ଏନଏସିର ଅଧ୍ୟକ୍ଷ ପଦ ମହିଳାଙ୍କ ନିମନ୍ତେ ଅଣସଂରକ୍ଷିତ ରହିଥିବାରୁ ଶେଷ ଦିନରେ ମୋଟ ୬ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ରଞ୍ଜିତା ବାନାର୍ଜୀ, ଭାଜପାରୁ ପ୍ରମିଳା ପଣ୍ଡା, କଂଗ୍ରେସ ପକ୍ଷରୁ ସୁନୀତା ଲେଙ୍କା, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାରୁ ଅନୀତା ଦାସ ଓ ସ୍ୱାଧୀନ ଭାବେ ଯଶୋଦା ସାହୁ, ସୁନ୍ଦରମଣୀ ବେହେରା ନାମାଙ୍କନ ଦାଖଲ କରିଛନ୍ତି । ସେହିପରି ୱାର୍ଡ କାଉନସିଲର ପଦବୀ ପାଇଁ ମୋଟ ୪୪ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ୧୫ ୱାର୍ଡ ବିଶିଷ୍ଟ ରାଇରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ ପଦବୀ ସକାଶେ ୫ଜଣ ଏବଂ ୱାର୍ଡ କାଉନସିଲର ଲାଗି ମୋଟ ୫୧ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅଧ୍ୟକ୍ଷ ପଦବୀ ଲାଗି ବିଜେଡି ପକ୍ଷରୁ ଅଭିଷେକ ପଟ୍ଟନାୟକ ,ଭାଜପାର ନବୀନ ରାମ, କଂଗ୍ରେସର ଭଜହରି ମହାନ୍ତି ଏବଂ ଜେଏମ୍‌ଏମ୍‌ର ସାରଥୀ ମୁର୍ମୁଙ୍କ ସମେତ ସ୍ୱାଧୀନ ଭାବେ ପୀତାମ୍ବର ବେହେରା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୧୫ ୱାର୍ଡ ବିଶିଷ୍ଟ କରଞ୍ଜିଆ ଏନ୍‌ଏସିର ଅଧ୍ୟକ୍ଷ ପଦ ଲାଗି ୭ଜଣ ଏବଂ ୱାର୍ଡ କାଉନସିଲର ପଦବୀ ସକାଶେ ମୋଟ ୪୭ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅଧ୍ୟକ୍ଷ ପଦ ଲାଗି ବିଜେଡିରୁ ପପି ପୃଷ୍ଟି, ଭାଜପାର ଜ୍ୟୋତ୍ସ୍ନା ରାଣୀ ମହାନ୍ତ, କଂଗ୍ରେସର ଶେଫାଳିକା ସାହୁ, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଲକ୍ଷ୍ମୀ ଝା, ବିଏସ୍‌ପିର ଭାନୁମତୀ ମହାନ୍ତ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ କବିତା ମହାନ୍ତ ଓ ପଙ୍କଜ ବାସିନୀ ମହାନ୍ତି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ବାରିପଦା ପୌରପରିଷଦ

# ଅଧ୍ୟକ୍ଷ ପଦ ଲାଗି ୧୭ ପ୍ରାର୍ଥୀ



ବିଜେଡି ପ୍ରାର୍ଥୀ କୃଷ୍ଣାନନ୍ଦ ମହାନ୍ତି



ଭାଜପା ପ୍ରାର୍ଥୀ ବିଷ୍ଣୁ ଶତପଥୀ



କଂଗ୍ରେସ ପ୍ରାର୍ଥୀ ଯୋଗେଶ ଅଗ୍ରୱାଲ



ଜେଏମ୍‌ଏମ୍ ପ୍ରାର୍ଥୀ ଚନ୍ଦନ ଶେଜପଡ଼ା

**ବାରିପଦା ଅଫିସ,୭।୩**

ମୟୂରଭଞ୍ଜ ଜିଲା ବାରିପଦା ପୌରାଧ୍ୟକ୍ଷ ପଦବୀ ଲାଗି ମୋଟ ୧୭ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ବିଜେଡି, କଂଗ୍ରେସ, ଭାଜପା, ଜେଏମ୍‌ଏମ୍ ଓ ସ୍ୱାଧୀନ ପ୍ରାର୍ଥୀମାନେ ଅଧ୍ୟକ୍ଷ ପଦ ନିମନ୍ତେ ସମର୍ଥକଙ୍କ ସହ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୱାର୍ଡ କାଉନସିଲର ପାଇଁ ମୋଟ ୧୪୧ଜଣ ନାମାଙ୍କନପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ବସନ୍ତ କୁମାର ସେଠୀ କହିଛନ୍ତି ।

ଏହି ପୌର ପରିଷଦରେ ଥିବା ୨୮ଟି ୱାର୍ଡର ଭୋଟର ସେମାନଙ୍କ ନେତା ବାଛିବେ। ତେବେ ଭୋଟରମାନେ ଏଥର ବିଭିନ୍ନ ସମସ୍ୟା ଉପସ୍ଥାପନ କରିବାକୁ ସୁଯୋଗ ପାଇଥିବା ବେଳେ ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ନେତାଙ୍କୁ ପ୍ରତ୍ୟାଖାନ କରିବେ ବୋଲି କହି ବୁଲୁଛନ୍ତି। ଅଧ୍ୟକ୍ଷ ପଦ ପାଇଁ ପୂର୍ବତନ ନଗରପାଳ ଡ.କୃଷ୍ଣାନନ୍ଦ ମହାନ୍ତି ଓ ଅଭିଜ୍ଞ ରାଜନେତା ଦୀନକୃଷ୍ଣ ମଇଦାନକୁ ଓହ୍ଲାଇଛନ୍ତି। କୃଷ୍ଣାନନ୍ଦ ବିଜେଡିରୁ ଟିକଟ ପାଇଥିବା ବେଳେ ଦୀନକୃଷ୍ଣ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଦୀନକୃଷ୍ଣ ପୌର ପରିଷଦର ନଗରପାଳ ଓ ଉପନଗରପାଳ ଭାବେ ଦୁଇଥର ନିର୍ବାଚିତ ହୋଇଛନ୍ତି। ଦୁର୍ନୀତିମୁକ୍ତ ଓ ନିରପେକ୍ଷ ଭାବେ ଉପଯୁକ୍ତ ଲୋକଙ୍କୁ ସେବା ଯୋଗାଇବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ସେ କହିଛନ୍ତି। କୃଷ୍ଣାନନ୍ଦ ଥରେ ଲେଖାଏ ନଗରପାଳ ଓ କାଉନସିଲର ଦାୟିତ୍ୱରେ ରହି ବହୁ ସମସ୍ୟାର ସମାଧାନ କରିବା ସହିତ ସହରର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ନୂଆ ମୁହଁ ଭାବେ ଭାଜପାର କବି ବିଷ୍ଣୁ ଶତପଥୀ ଓ ଜେଏମ୍‌ଏମ୍‌ର ଚନ୍ଦନ ଶେଜପଡ଼ା ପୌରାଧ୍ୟକ୍ଷ ପଦବୀ ଲାଗି ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭାଜପା ପ୍ରାର୍ଥୀ ଶତପଥୀ ୪୦ବର୍ଷ ଧରି ଆର୍‌ଏସ୍‌ଏସ୍‌ର କର୍ମକର୍ତ୍ତା ରହିଆସିଥିବା ବେଳେ ୮୦ଦଶକରୁ ବିଭିନ୍ନ ପଦପଦବୀରେ ରହି ଆସିଛନ୍ତି। ସହରର ବିକାଶ ଦିଗରେ ସେ ବ୍ୟାପକ ପଦକ୍ଷେପ ଗ୍ରହଣ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଜେଏମ୍‌ଏମ୍‌ର ଯୁବନେତା ଚନ୍ଦନ ବାରିପଦାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ଆନୁଷଙ୍ଗିକ ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ଯୋଗେଶ ଅଗ୍ରୱାଲ ଦଳୀୟ ଟିକଟ ପାଇ ଦୁର୍ନୀତିମୁକ୍ତ ବାରିପଦା ସହର ଗଠନ କରିବା ସହ ପାନୀୟଜଳ, ଆଲୋକୀକରଣ ଓ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ପ୍ରୟାସ ଜାରି ରଖିବେ ବୋଲି କହିଛନ୍ତି । ତେବେ ଏହି ନେତାମାନଙ୍କ ମଧ୍ୟରୁ ସହରବାସୀ କାହାକୁ ପୌରାଧ୍ୟକ୍ଷ ଆସନରେ ବସାଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ସଂକ୍ଷେପରେ

### ମୁନିସମାଜ ନନ୍ଦୁର ଶାଖାର ଦ୍ୱାଦଶ ସମ୍ମିଳନୀ



ଖଇରା, ୭।୩(ଡି.ଏନ.ଏ.): ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜ ନନ୍ଦୁର ଶାଖା ଆନୁକୂଲ୍ୟରେ ଖଇରା ବ୍ଲକର ଓଝପୋଖରୀ ଛକରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରହ୍ଲାଦ ପତିଙ୍କ ସଭାପତିତ୍ୱରେ ଆୟୋଜିତ ଧାର୍ମିକ ଆଲୋଚନାରେ ଦୀନବନ୍ଧୁ ମୁନୀ ମୁଖ୍ୟଅତିଥି, ବସନ୍ତ ମୁନୀ ମୁଖ୍ୟବକ୍ତା, ଦାମୋଦର ମୁନୀ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ଆତ୍ମଶାନ୍ତି ଲାଭ ପାଇଁ ଯୋଗ ଏକମାତ୍ର ଉପାୟ ବୋଲି କହିଥିଲେ। ମହେନ୍ଦ୍ର ମୁନି, ସୀତାରାମ ମୁନି, ଗୌରାଙ୍ଗ ମୁନି ସମ୍ମାନୀତ ଅତିଥି ଭାବେ ଯୋଗ ମାଧମରେ ସାଧନା ସିଦ୍ଧି ଲାଭ କରିବାର କୌଶଳ ବତାଇଥିଲେ। ମୁନିମତୀ ଶାନ୍ତିଲତା ଦେବୀ ଓ ସାବିତ୍ରୀ ଦେବୀ, ପିତାମ୍ବର ମୁନୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

### ବିହାରରୁ ଓଡ଼ିଶା ଆସୁଛି ଚୋରା ବନ୍ଧୁକ

ବେପାରୀ ଗିରଫ, ବନ୍ଧୁକ ସହ ୪ ଗୁଳି ଜବତ

ସୋର, ୭।୩(ଡି.ଏନ୍.ଏ.): ବିହାରରୁ ଓଡ଼ିଶା ଆସୁଛି ଚୋରା ବନ୍ଧୁକ। ବାଲେଶ୍ୱର ଜିଲା ସୋର ଥାନା ବିଦୁ ଛକ ନିକଟରେ ଜଣେ ବିହାରୀ ଯୁବକ ଚୋରାରେ ବନ୍ଧୁକ ବିକିବାକୁ ଗ୍ରାହକଙ୍କ ଅପେକ୍ଷା କରିଥିବା ବେଳେ ସୋର ଆଇଆଇସି ସୁଜାତା ଖମାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ପ୍ରତାପ କାଲୋ ଏକ ଟିମ୍ ସହ ସେଠାରେ ପହଞ୍ଚି ଯୁବକଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ଗୋଟିଏ ୭ ରାଉଣ୍ଡ ବାଲା ବନ୍ଧୁକ ଓ ୪ଅଫୁଟା ଗୁଳି ଜବତ ହୋଇଛି। ଯୁବକଜଣକ ହେଲେ ବିହାର ବୈଶାଳି ଜିଲାର ଦିଗ୍ରି ଥାନା ମଜିରହୁଇ ଗ୍ରାମର ଲୋକେଶ ସିଂ। ସେ ବିହାରର ମୁଙ୍ଗେର ଅଞ୍ଚଳରୁ ବନ୍ଧୁକ ଆଣି ସୋର, ଭଦ୍ରକ, ବାଲେଶ୍ୱର ଆଦି ଅଞ୍ଚଳରେ ବିକ୍ରି କରନ୍ତି। ଭଦ୍ରକର ବିଭିନ୍ନ ଥାନାରେ ଚୋରି, ଛିନତାଇ ଓ ଡକାୟତି ଭଳି ବିଭିନ୍ନ ଅପରାଧିକ ମାମଲା ତାଙ୍କ ନାମରେ ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୦୩/୨୨) ରୁଜୁ କରାଯାଇ ଆର୍ମସ ଆକ୍ଟରେ କୋର୍ଟଚାଲାଣ କରାଯାଇଛି। ଲୋକେଶ ବିଭିନ୍ନ ସମୟରେ ବିଭିନ୍ନ କିସମର ଚୋରା ବନ୍ଧୁକ ଆଣି ୧୫ ହଜାରରୁ ୬୦/୭୦ ହଜାର ପର୍ଯ୍ୟନ୍ତ ଟଙ୍କାରେ ବିକ୍ରି କରୁଥିବା ସୂଚନା ମିଳିଛି।

### ଜଙ୍ଗଲ ନିଆଁ ରୋକିବାକୁ ପ୍ରସ୍ତୁତ

ବୈଶିଙ୍ଗା,୭।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ବନାଞ୍ଚଳ ଅଧୀନରେ ଥିବା ରଙ୍ଗାମାଟିଆ, ମୋହନପୁର, ଦଳଦଳି,ହାତୀପତୁକା ଆଦି ସଂରକ୍ଷିତ ଜଙ୍ଗଲର ବୃକ୍ଷରାଜିକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଅଭିନବ ପ୍ରସ୍ତୁତି ଆରମ୍ଭ ହୋଇଛି। ଫାୟାର୍ ଲାଇନ ପ୍ରସ୍ତୁତ କରାଯାଇ ଘଞ୍ଚ ଜଙ୍ଗଲକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଫଳରେ କୋଣସି କାରଣରୁ ଗୋଟିଏ ପାର୍ଶ୍ୱରେ ନିଆଁ ଲାଗିଲେ ଅପରପାର୍ଶ୍ୱକୁ ଏହା ବ୍ୟାପିବ ନାହିଁ। ବୈଶିଙ୍ଗା ବନରକ୍ଷୀ ଦୁଲାଲ ଚନ୍ଦ୍ର ଦିଗାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବହୁ ସଂଖ୍ୟକ ବନ କର୍ମଚାରୀଙ୍କ ଉଦ୍ୟମରେ ଫାୟାର ଲାଇନ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି।

### ଶେଷ ହେଲା ନାମାଙ୍କନ ଦାଖଲ

ଚମ୍ପୁଆ, ୭।୩(ଡି.ଏନ.ଏ): ପୌରପରିଷଦ ନିର୍ବାଚନର ସୋମବାର ଶେଷହେଲା ନାମାଙ୍କନପତ୍ର ଦାଖଲ। ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦର ୧୩ ଗୋଟି ୱାର୍ଡ କାଉନ୍ସିଲର ଓ ଚେୟାରମ୍ୟାନ ପାଇଁ ବିଭିନ୍ନ ଦଳ ସହ ସ୍ୱାଧୀନ ପ୍ରାର୍ଥୀ ମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଚେୟାରମ୍ୟାନ ଆସନପାଇଁ ବିଜେଡି ପକ୍ଷରୁ ପୂର୍ବତନ କାଉନ୍ସିଲର ତଥା ମଣ୍ଡଳ ସଭାପତି ଗିରିଜା ଶଙ୍କର ସାହୁ, ଭାଜପା ମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟ, କଂଗ୍ରେସ ପକ୍ଷରୁ ଉମେଶ ଚନ୍ଦ୍ର ଗିରି ନାମାଙ୍କନ ଦାଖଲ କରିଥିବା ବେଳେ ସ୍ୱାଧୀନ ଭାବେ ଯୁବ ନେତା ଅଜୟ କୁମାର ଦାସ, ବିଦ୍ୟାଧର ମହାନ୍ତ, ପ୍ରିୟନାଥ ପତି, ମୁକେଶ ବେହେରା, ଏମ୍ଡି ସାହାଫେଜ ଅରମାନ, ଏମଡି ମୁନାଜିର, ସୁମନ୍ତ କୁମାର ମହାନ୍ତ ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି କାଉନ୍ସିଲର ପାଇଁ ଫର୍ମ ନେଇଥିବା ୫୮ ଜଣଙ୍କ ମଧ୍ୟରୁ ୪୯ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ସୋମବାର ସଂଖ୍ୟାଲଘୁ ସଭାପତି ନେଶାର ହାୟତଙ୍କ ତତ୍ତ୍ୱାବଧାନରେ ଗିରିଜା ଶଙ୍କର ସାହୁଙ୍କ ସହ ସମସ୍ତ ୧୩ ଗୋଟି ୱାର୍ଡର କାଉନ୍ସିଲର ପ୍ରାର୍ଥୀମାନେ ପଟୁଆରରେ ୫୦୦ ପ୍ରମୁଖ କର୍ମୀଙ୍କୁ ନେଇନାମାଙ୍କନ ଦାଖଲ କରିଥିଲେ।

# ‘ଖାଦ୍ୟାଭାବରୁ ଛାତ୍ରୀଛାତ୍ରଙ୍କୁ ବରଫ ଖାଇବାକୁ ପଡୁଛି’

## ଈଶ୍ୱରପୁରରେ ପହଞ୍ଚିଲେ ଭାରତୀ

ସିମୁଳିଆ,୭।୩(ଡି.ଏନ.ଏ.)

ୟୁକ୍ରେନର ମିକୋଲାଇଭରୁ ମୁଲଡାବା ଓ ସେଠାରୁ ରୋମାନିଆ ଆଦି ୩ଟି ଦେଶ ପାରିହୋଇ ଡାକ୍ତରୀ ଛାତ୍ରୀ ଭାରତୀ ମହାନ୍ତି(୨୩) ଗାଁରେ ପହଞ୍ଚିଛନ୍ତି। ଭାରତୀଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଈଶ୍ୱରପୁର ଅଞ୍ଚଳରେ। ଦୀର୍ଘ ୪ବର୍ଷ ପରେ ସେ ଗାଁକୁ ଫେରିଛନ୍ତି । ପଞ୍ଚମ ବର୍ଷର ଛାତ୍ରୀ ଭାରତୀ ୟୁକ୍ରେନର ମିକୋଲାଇଭରେ ରହି ଡାକ୍ତରୀ ପାଠ ପଢୁଥିବା ବେଳେ ଯୁଦ୍ଧ ସମୟରେ ଭାରତ ଫେରିବାର ଅନୁଭୂତି ବଖାଣିଛନ୍ତି । ସେ ସେଠାକାର ପେଟ୍ରୋମହିଲା ବ୍ଲକସି ନ୍ୟାଶନାଲ ୟୁନିଭର୍ସିଟିରେ ପାଠ ପଢନ୍ତି । ମୋଟ ୭ଶହ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ଶହ ଛାତ୍ରୀଛାତ୍ର ହଷ୍ଟେଲରେ ରହନ୍ତି। ଗତ ୨୪ତାରିଖ ସକାଳ ୫ଟାରେ ଯୁଦ୍ଧ



ମା’ ଓ ସାନ ଭଉଣୀଙ୍କ ସହିତ ଭାରତୀ।

ଆରମ୍ଭ ସମ୍ପର୍କରେ ସୂଚନା ମିଳିବା ପରେ ବଙ୍କର ଭିତରକୁ ଅନ୍ୟମାନଙ୍କ ସହିତ ସେ ଚାଲିଯାଇଥିଲେ । ଖାଦ୍ୟପେୟର ଘୋର ଅଭାବ ସହିତ ଭୟରେ ସମୟ କଟୁଥିଲା । ଏପରିକି ୧୦ଟଙ୍କା ଦାମ୍‌ର ବିସ୍କୁଟ ପ୍ୟାକେଟ ୭୦ଟଙ୍କାରେ କିଣିବାକୁ ପଡୁଥିଲା । ପରେ ଗତ ମାର୍ଚ୍ଚ ୧ ସକାଳ ୯ଟାରେ ୬ହଜାର ଟଙ୍କା ବସ୍ ଟିକେଟ କାଟି ମିକୋଲାଇଭରୁ ୪ଟି ବସ୍ ରିଜର୍ଭ କରି ୫ଶହ ଛାତ୍ରୀଛାତ୍ର ବାହାରିଥିଲେ । ଜୀବନ ବଞ୍ଚାଇବା ପାଇଁ ଠେଲାପେଲାରେ ତାଙ୍କ ହାତରେ ଆଘାତ ଲାଗିଥିବା ସେ ଦେଖାଇଥିଲେ। ରାସ୍ତାରେ ବିଭିନ୍ନ ସୈନ୍ୟଙ୍କ ମୃତଦେହ ପଡିଥିବା ଦେଖାଯାଉଥିଲା। ଟ୍ରାଫିକ ଜାମ୍ ସହିତ ୩୮ଘଣ୍ଟା ପରେ ସେ ରୋମାନିଆରେ ପହଞ୍ଚିଥିଲେ । ସେଠାରେ ଭାରତୀୟମାନଙ୍କୁ ବହୁତ ଶ୍ରଦ୍ଧା ସମ୍ମାନ ମିଳିଥିଲା । ଏପରିକି ରୋମାନମାନେ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରିଥିଲେ । ରୋମାନିଆରେ ୫ଦିନ ରହିବା ପରେ ଭାରତ ସରକାରଙ୍କ ସହଯୋଗରେ ଛାତ୍ରୀଛାତ୍ରମାନେ ୬ତାରିଖରେ ମୁମ୍ବାଇ ଓ ସେଠାରୁ ଓଡ଼ିଶା ସରକାରଙ୍କ ସହଯୋଗରେ ଗତ ରାତିରେ ଭୁବନେଶ୍ୱର ପହଞ୍ଚିବା ପରେ ସ୍ୱତନ୍ତ୍ର କାର୍‌ରେ ସୋମବାର ଅପରାହ୍ନରେ ଭାରତୀ ଗାଁରେ ପହଞ୍ଚିଥିଲେ। ତେବେ ତାଙ୍କ କଲେଜର ଆହୁରି ୨ଶହ ଛାତ୍ରୀଛାତ୍ର ଆସି ନ ପାରିବା ସହିତ ୟୁକ୍ରେନର ସୁମିରେ ଅନ୍ୟ ଏକ ୟୁନିଭର୍ସିଟିରେ ପଢୁଥିବା ୮ଶହ ଛାତ୍ରୀଛାତ୍ର ଖାଦ୍ୟ ଅଭାବରେ ଥଣ୍ଡାରେ ପଡୁଥିବା ବରଫକୁ ଖାଉଥିବା କହିଛନ୍ତି। ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ସରକାର ଉଦ୍ଧାର କରିବା ପାଇଁ ସେ ନିବେଦନ କରିଛନ୍ତି । ଅପରପକ୍ଷେ ଛାତ୍ରୀଛାତ୍ରଙ୍କ କ୍ୟାରିୟର ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି ।

# ଧ୍ୱଂସସ୍ତୂପରୁ ଜୀବନ ବଞ୍ଚେଇ ଫେରିଛନ୍ତି ଶାଶ୍ୱତ



ମା’ ବାପାଙ୍କ ସହ ଶାଶ୍ୱତ।

ସୋର, ୭।୩(ଡି.ଏନ.ଏ)

ରୁଷିଆ ବୋମାମାଡ଼ରେ ଧ୍ୱଂସବିଧ୍ୱଂସ୍ତ ହୋଇପଡିଥିବା ୟୁକ୍ରେନର ପ୍ରମୁଖ ସହର ଖର୍କିଭରୁ ଜୀବନ ବଞ୍ଚେଇ ୭ ଦିନ ପରେ ଘରେ ପହଞ୍ଚିଛନ୍ତି ବାଲେଶ୍ୱର ଜିଲା ସୋରର ଶାଶ୍ୱତ। ୧୧ଦିନ ହେଲା ପୁଅର ଫେରିବା ବାଟକୁ ଚାହିଁ ରହିଥିବା ପରିବାର ଲୋକେ ଏବେ ଶାଶ୍ୱତକୁ ପାଇ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି।

ସୋର ପୌରପରିଷଦ ବଡ଼ଖୁରୀ ଗ୍ରାମର ଅଧ୍ୟାପକ ଲକ୍ଷ୍ମଣ ପଣ୍ଡାଙ୍କ ପୁଅ ଶାଶ୍ୱତ ୨୦୨୦ ଡିସେମ୍ବରରେ ଭି.ଏନ୍.ଖର୍କିଭ ନ୍ୟାଶନାଲ ୟୁନିଭରସିଟିରେ ମେଡ଼ିକାଲ ପଢ଼ିବା ପାଇଁ ଯାଇଥିଲେ। ସେ କୁହନ୍ତି, ଗତ ଫେବୃଆରୀ ୨୫ ତାରିଖରେ ତାଙ୍କର କିଭ୍‌ରୁ ଫ୍ଲାଇଟ ଟିକେଟ ହୋଇଥିଲା। ୨୪ ତାରିଖ ସକାଳେ ଖର୍କିଭରୁ କିଭ୍ ବାହାରିବା କଥା। ମାତ୍ର ଭୋର ୫ଟାରୁ ଆରମ୍ଭ ହୋଇଥିଲା ବୋମାମାଡ଼। ପରେ ଜଣାପଡିଲା ରୁଷିଆ ୟୁକ୍ରେନ ଉପରେ ଆକ୍ରମଣ କରିଦେଇଛି। ସେଠାରୁ ରଷିଆ ବର୍ଡର ମାତ୍ର ୩୦ କି.ମି.। ସେମାନେ ରହୁଥିବା ଆଲେକ୍ସିଭିସାରେ ୪୦୦ ପାଖାପାଖି ଝିଅପୁଅ କିଛି କିଛି ଖାଦ୍ୟ ଆଣି ୪ଫୁଟ ଉଚ୍ଚର ବଙ୍କର ଭିତରକୁ ଚାଲିଗଲୁ। ମଝିରେ ମଝିରେ ସୁପରମାର୍କେଟ ଖୋଲିବା ମାତ୍ରେ କିଛି ଖାଇବା ଜିନିଷ ପାଣି ଆଣି ୪ ଦିନ ରହିଲୁ।

## ପୋଲାଣ୍ଡରେ ପହଞ୍ଚିବା ପରେ ଦେହରେ ଜୀବନ ପଶିଲା

୧ ତାରିଖରେ ସେଠାରୁ ୧୪ କି.ମି. ବାଟ ଚାଲି ଚାଲି, ଲୁଚିଛପି ୭୦/୮୦ ଜଣ ପିଲା ଖର୍କିଭ ଷ୍ଟେଶନରେ ପହଞ୍ଚିଥିଲୁ। ମଝିରେ ମଝିରେ କିଛି ଦୂରରେ ବୋମା ପଡୁଥିବା ସେ ଦେଖୁଥିଲେ। ସେଠାରୁ ଟ୍ରେନରେ ଛିଡ଼ାହେଇ ଲଭିଭରେ ପହଞ୍ଚିବା ପରେ ଭୟ କମିଯାଇଥିଲା। ସେଠାରୁ ୪ କି.ମି. ଚାଲି ବସ୍‌ରେ ୧୦୦ଡଲାର ଦେଇ ୮୦ କି.ମି. ଯିବା ପରେ ପୋଲାଣ୍ଡ ବର୍ଡ଼ରରେ ପହଞ୍ଚିଥିଲେ। ସେଠାରେ କିଛି ସମୟ ଭିସା ପାଇଁ ଅପେକ୍ଷା କରିବାକୁ ପଡ଼ିଲା। ଭାରତ ସରକାରଙ୍କ ତରଫରୁ ପୋଲାଣ୍ଡରେ ଏକ ହୋଟେଲରେ ରଖି ଖାଇବା ପାଇଁ ଦେବା ପରେ ତାଙ୍କ ଦେହରେ ଜୀବନ ପଶିଲା। ଅବଶ୍ୟ ୟୁକ୍ରେନ ପୋଲିସ ରାସ୍ତାରେ କେବଳ ଯାଞ୍ଚ କରିବା ବ୍ୟତୀତ କିଛି ଖରାପ ବ୍ୟବହାର କରି ନ ଥିଲା। ସେଠାରୁ ଭାରତ ସରକାରଙ୍କ ତରଫରୁ ଫ୍ଲାଇଟରେ ଦିଲ୍ଲୀ ଅଣାଗଲା। ଓଡ଼ିଶା ଭବନରେ ରହିବା ପରେ ଓଡ଼ିଶା ସରକାରଙ୍କ ତରଫରୁ ଇଣ୍ଡିଗୋ ଫ୍ଲାଇଟ୍‌ରେ ଭୁବନେଶ୍ୱର ଆସିଲେ। ଏଥିପାଇଁ ଭାରତ ତଥା ଓଡ଼ିଶା ସରକାରଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଶାଶ୍ୱତଙ୍କ ସହିତ ଅନନ୍ତପୁରର ବିଚିତ୍ରାନନ୍ଦ ମିଶ୍ର ମଧ୍ୟ ସୋରରେ ପହଞ୍ଚିଛନ୍ତି।

# ବିଜେଡିକୁ ଭୟ କ୍ରସ୍ ଭୋଟିଂ

ବାହାନଗା, ୭।୩(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରିବା ପରେ ଏବେ ଆରମ୍ଭ ହୋଇଛି ବ୍ଲକ ଅଧ୍ୟକ୍ଷ ନିର୍ବାଚନ ଲାଗି ପ୍ରସ୍ତୁତି। ଆସନ୍ତା ୧୨ ତାରିଖରେ ହେବ ବ୍ଲକ ଅଧ୍ୟକ୍ଷ ନିର୍ବାଚନ। ଏହି ନିର୍ବାଚନରେ ବିଜେଡିକୁ କ୍ରସଭୋଟିଂ ଭୟ ଦେଖାଦେଇଛି। ସେଥିପାଇଁ ଘୋଡା ବେପାର ଆରମ୍ଭ ହୋଇଛି। ତେବେ ଶାସକ ଦଳର ଅଧିକ ସମିତିସଭ୍ୟ ନିର୍ବାଚିତ ହୋଇଥିଲେ ମଧ୍ୟ ବ୍ଲକ ଅଧ୍ୟକ୍ଷ ହେବା ପାଇଁ ଆଶାୟୀମାନଙ୍କର ଲମ୍ବା ତାଲିକା ହେଲାଣି। ଯାହାକି ବିଧାୟକଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି।

ବାହାନଗା ବ୍ଲକର ୨୪ ପଞ୍ଚାୟତ ମଧ୍ୟରୁ ୨୩ପଞ୍ଚାୟତରେ ସମିତିସଭ୍ୟ ନିର୍ବାଚନ ହୋଇଥିଲା । ୨୩ ସମିତିସଭ୍ୟଙ୍କ ମଧ୍ୟରୁ ବିଜେଡି ସମର୍ଥିତ ସଭ୍ୟ ହେଲେ ୧୫। ଭାଜପା ସମର୍ଥିତ ସମିତିସଭ୍ୟ ୮ଜଣ ବିଜୟୀ ହୋଇଛନ୍ତି । ତେବେ ବ୍ଲକ ଅଧ୍ୟକ୍ଷ ପଦରେ ବସିବାକୁ ହେଲେ ଜଣେ ସଭ୍ୟଙ୍କୁ ୧୨ଜଣଙ୍କ ସମର୍ଥନ ଆବଶ୍ୟକ। ସେହି ଅନୁଯାୟୀ ବିଜେଡି ନିର୍ଦ୍ୱନ୍ଦ୍ୱରେ ବ୍ଲକ ଅଧ୍ୟକ୍ଷ ପଦ ହାତେଇବାରେ ସଫଳ ହେବା କଥା। ଆଶାୟୀମାନଙ୍କୁ ସନ୍ତୁଷ୍ଟ କରାଇପାରିଲେ

## ବାହାନଗା ବ୍ଲକ ଅଧ୍ୟକ୍ଷ ନିର୍ବାଚନ

ଯାଇ ବିଜେଡି ନିର୍ଦ୍ୱନ୍ଦ୍ୱରେ ବ୍ଲକ ଅଧ୍ୟକ୍ଷ ପଦ ହାତେଇ ପାରିବ। ବିଜେଡିର ଆଶାୟୀମାନଙ୍କ ମଧ୍ୟରୁ ସର୍ବାଗ୍ରେ ପୂର୍ବତନ ଅଧ୍ୟକ୍ଷ ଇଂ. ଶରତ ଚନ୍ଦ୍ର ରାଜ, ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ନୂଆପୁର ସମିତିସଭ୍ୟ ଉଦୟ ନାରାୟଣ ମହାପାତ୍ରଙ୍କ ସମେତ ମହିଳା ସମିତିସଭ୍ୟା ରାଣେଶ୍ୱରୀ ମହାପାତ୍ର ପ୍ରମୁଖ ଆଶାୟୀ ଥିବା ଜଣାପଡିଛି। ସେହିପରି ଭାଜପା ଗୋଳିଆପାଣିରୁ ଶେଉଳ ଧରିବା ଲକ୍ଷ୍ୟ ନେଇ ରଣନୀତି ଆରମ୍ଭ କରିଛି। ଭାଜପା ସମର୍ଥିତ ୮ଜଣ ସମିତିସଭ୍ୟ ଥିଲେ ମଧ୍ୟ ଦଳ ପକ୍ଷରୁ ଜଣଙ୍କୁ ବ୍ଲକ ଅଧ୍ୟକ୍ଷ ନିମନ୍ତେ ନାମାଙ୍କନପତ୍ର ଦାଖଲ କରିବା ପାଇଁ ନିଷ୍ପତ୍ତି ନେଇଛି । କଂଗ୍ରେସରୁ ଆସି ବିଜେଡିରେ ମିଶିଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ରାଜଙ୍କ ପାଇଁ ବିଜେଡି ଏବେ ଅଡୁଆରେ ପଡିଛି। ୨୦୧୭ ନିର୍ବାଚନରେ ବିଜେଡିର ୧୧ଜଣ ସମିତିସଭ୍ୟ ଥାଇ ମଧ୍ୟ ଅଧ୍ୟକ୍ଷ କରିପାରି ନ ଥିଲେ। ତେବେ ଭାଜପାର ୩ ଜଣ ସମିତିସଭ୍ୟ ଥାଇ କଂଗ୍ରେସ ସମର୍ଥନରେ ବ୍ଲକ ଅଧ୍ୟକ୍ଷ ହାତେଇ ନେଇଥିଲେ। ମ୍ୟାଜିକ ନମ୍ବରଠାରୁ ଅଧିକ ସମିତିସଭ୍ୟ ଥାଇ ମଧ୍ୟ ବିଜେଡିକୁ କ୍ରସଭୋଟିଂ ଭୟ ଘାରିଛି । ବିଜେଡିର ୪ଜଣ ସମିତି ସଭ୍ୟଙ୍କ ଉପରେ ନଜର। ଦୁଇ ଦୁଇ ଥର ଶରତ ରାଜ ଭାଜପାକୁ ସାହାଯ୍ୟ କରିଥିବାରୁ ସେହି ଅନୁଯାୟୀ ଭାଜପା ଚଳିତ ଅଧ୍ୟକ୍ଷ ନିର୍ବାଚନରେ ୮ ଜଣ ସମିତି ସଭ୍ୟଙ୍କ ସାହାଯ୍ୟରେ କିପରି ଶରତ ରାଜ ବ୍ଲକ ଅଧ୍ୟକ୍ଷ ହେବେ ସେଥିପାଇଁ ଜୋରଦାର ଉଦ୍ୟମ କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଶରତ ରାଜଙ୍କୁ ଅଧ୍ୟକ୍ଷ କରିବା ପାଇଁ ବିଜେଡିର କିଛି ସମିତିସଭ୍ୟ ବିରୋଧ କରୁଥିବା ଜାଣି ନିଜେ ଶରତ ରାଜ ବିଜେଡିରୁ ବାହାରି ସ୍ୱାଧୀନ ଭାବେ ବ୍ଲକ ଅଧ୍ୟକ୍ଷ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବେ କିମ୍ବା ଭାଜପାରେ ସାମିଲ ହୋଇ ବିଜେଡିରୁ ୪ ଜଣ ଓ ଭାଜପାର ୮ ସମିତି ସଭ୍ୟଙ୍କ ସମର୍ଥନରେ ଅଧ୍ୟକ୍ଷ ହୋଇପାରନ୍ତି। ଫଳରେ ବିଜେଡିର ୧୫ଜଣ ସଭ୍ୟ ଥାଇ ମଧ୍ୟ ବ୍ଲକ ଅଧ୍ୟକ୍ଷ ହେବାର ଆଶା ମଉଳିଯିବ। ଫଳରେ ସବୁଦଳର ସମିତି ସଭ୍ୟମାନେ ଅଜ୍ଞାତବାସରେ ଅଛନ୍ତି। ଅଜ୍ଞାତବାସରେ ଥିଲେ ମଧ୍ୟ କ୍ରସଭୋଟିଂକୁ ଏଡାଇ ଦେଇ ହେବ ନାହିଁ।

## ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

କେନ୍ଦୁଝର, ୭।୩ (ସ୍ୱ.ପ୍ର.)

କେନ୍ଦୁଝରସ୍ଥିତ ସ୍ଥାନୀୟ ଏକ ନର୍ସିଂହୋମରେ ଜଣେ ପ୍ରସୂତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁକୁ ନେଇ ବିବାଦ ଦେଖାଦେଇଛି । ପରେ ମାନବିକତା ଦୃଷ୍ଟି କୋଣରୁ ଆର୍ଥିକ କ୍ଷତିପୂରଣ ପ୍ରଦାନ ପରେ ବିବାଦ ସମାଧାନ ହୋଇଥିଲା। ମୃତାଙ୍କ ନାମ ଅନୁପମା ରାଉତ ଏବଂ ଘର ଘଟଗାଁ ବ୍ଲକ ଖମଣମୁଣ୍ଡା ଗ୍ରାମରେ ବୋଲି ଜଣାପଡିଛି । ଅଭିଯୋଗ ଅନୁଯାୟୀ ଅନୁପମାଙ୍କୁ ଗତ ରବିବାର ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରସବ ବେଦନା ହେବା ପରେ ଭର୍ତ୍ତି କରାଯାଇଥିଲା । ତେବେ ରାତିରେ ପ୍ରସବ ବେଦନା ନ କମିବାରୁ ତାଙ୍କୁ ଏକ ନର୍ସିଂହୋମକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ସେଠାରେ ରାତିରେ ଅପରେସନ କରାଯାଇଥିଲା। ହଠାତ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନସରେ କଟକ ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହାକୁ ନେଇ ମୃତାଙ୍କ ପରିବାର ଲୋକ ପ୍ରତିବାଦ କରି ଚିକିତ୍ସା ଅବହେଳା ଅଭିଯୋଗ ଆଣି ମୃତଦେହ ନର୍ସିଂ ହୋମ ସମ୍ମୁଖରେ ରଖି ପ୍ରତିବାଦ କରିଥିଲେ । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ପରେ ଏନେଇ ନର୍ସିଂହୋମ ପକ୍ଷରୁ ଆର୍ଥିକ ସହାୟତା ଦିଆଯିବା ପରେ ବିବାଦ ସମାଧାନ ହୋଇଥିଲା ଏବଂ ମୃତଦେହ ନେଇ ପରିବାର ଲୋକ ଫେରିଥିଲେ । ଏନେଇ ଟାଉନଥାନା ଅଧିକାରୀ ପ୍ରମୋଦିନି ସାହୁ କହିଛନ୍ତି, ମେଡିକାଲ ରିପୋର୍ଟକୁ ଭିତ୍ତି କରି ଘଟଣାର ତଦନ୍ତ କରାଯାଉଛି । ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଯାଉଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଧାମନଗର ଏନ୍ଏସି: ନାମାଙ୍କନ ଭରିଲେ ୫୪ ପ୍ରାର୍ଥୀ

ଧାମନଗର, ୭।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଏନ୍ଏସିରେ ପ୍ରଥମଥର ହେବାକୁ ଯାଉଥିବା ନିର୍ବାଚନ ପାଇଁ ସୋମବାର ଶେଷଦିନରେ ୧୧ ୱାର୍ଡରୁ ୫୪ ପ୍ରାର୍ଥୀ ନାମାଙ୍କନ ଭରିଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣ ଚେୟାରମ୍ୟାନ ଓ ୪୯ ଜଣ କାଉନସିଲର ପ୍ରାର୍ଥୀ। ବିଜେଡିରୁ ଚେୟାରମ୍ୟାନ ପ୍ରାର୍ଥୀ ଭାବେ ନିବେଦିତା ଜେନା, ଭାଜପାରୁ ପୁଷ୍ପଶ୍ରୀ ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ଜୋତିର୍ମୟୀ ସାହୁ, କଂଗ୍ରେସରୁ ପ୍ରମିଳା ସେଠୀ ଓ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ପ୍ରମିଳା ବେହେରା ସମର୍ଥକଙ୍କ ସହ ଆସି ଧାମନଗର ଏନ୍ଏସି ଅଫିସରେ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଏନ୍ଏସି ଅଧିକାରୀ ଯତିନ୍ଦ୍ର ମିଶ୍ରଙ୍କ ନିକଟରେ



ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ବିଜେଡି ପ୍ରାର୍ଥୀ ନିବେଦିତା ଜେନା।

ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପ୍ରକାଶ ଯେ, ଏଠାରେ ୨୦ ବୁଥ୍‌ରେ ମୋଟ ୧୭ହଜାର ୧୯୭ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ୮୪୪୮ ଜଣ ମହିଳା, ୮୭୪୬ ପୁରୁଷ ଓ ୩ ଅନ୍ୟ ଭୋଟର ଅଛନ୍ତି।

## ଶେଷଦିନରେ ୪୧ ପ୍ରାର୍ଥିପତ୍ର ଦାଖଲ

ବାସୁଦେବପୁର, ୭।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ଅନ୍ତିମ ଦିବସରେ ସୋମବାର ମୋଟ ୪୧ ପ୍ରାର୍ଥିପତ୍ର ଦାଖଲ ହୋଇଛି। ୩୯ଜଣ କାଉନ୍ସିଲର ପ୍ରାର୍ଥୀ ଥିବାବେଳେ ପୌରାଧ୍ୟକ୍ଷ ପଦବୀ ପାଇଁ କଂଗ୍ରେସରୁ ମମତା ମହାନ୍ତି ଓ ବହୁଜନ ସମାଜବାଦୀ ପାର୍ଟିରୁ ବାସନ୍ତୀ ମଲ୍ଲିକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# ୫ ଚୋର ଧରାପଡ଼ିଲେ



ଗିରଫ ଅଭିଯୁକ୍ତ ଓ ଜବତ ଅଳଙ୍କାର ସହ ଅନ୍ୟାନ୍ୟ ସାମଗ୍ରୀ।

ବାରିପଦା ଅଫିସ,୭।୩

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ସୋମବାର ୫ ଚୋରଙ୍କୁ ଗିରଫ କରିବା ସହ ଜଣେ ନାବାଳକଙ୍କୁ ଅଟକ ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ କାଳିକାପୁର ଅଞ୍ଚଳର ବାଦଲ ମୁଖି, ଦେବେନ୍ଦ୍ରପୁରର ଅଭିଷେକ ପାତ୍ର, ତଖତପୁରର ମଙ୍ଗୁଲୁ ମୁଖି ଓ ରାଜା ମୁଖି, ଭିଆରପି କଲୋନୀ ଅଞ୍ଚଳର ମନୋଜ କୁମାର ଦାସ। ଅଭିଯୁକ୍ତ ବାଦଲଙ୍କ ନାମରେ ୩୬ଟି, ମଙ୍ଗୁଲୁଙ୍କ ନାମରେ ୫ଟି, ରାଜା ମୁଖି ନାମରେ ୭ଟି ଓ ଅଟକ ନାବାଳକଙ୍କ ନାମରେ ୫ଟି ମାମଲା ରହିଛି। ସୂଚନା ଅନୁଯାୟୀ, ବାରିପଦା ସହରର ବିଭିନ୍ନ ସ୍ଥାନରେ ଚୋରି ଓ ଲୁଟ୍ ଘଟଣା ଘଟାଇ ଅଭିଯୁକ୍ତମାନେ

## ନାବାଳକ ଅଟକ

ଖସି ପଳାଇଯାଉଥିଲେ। ପୋଲିସ ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ୨୦ଗ୍ରାମ ସୁନା, ୨୫୦ଗ୍ରାମ ରୁପା,୨୦ଗ୍ରାମ ସୁନା ଏକ ଘରୋଇ ବ୍ୟାଙ୍କରେ ବନ୍ଧକ ଦେଇଥିବା ରସିଦ, ୧୦ଟି ମୋବାଇଲ, ଇଲୋକ୍ଟ୍ରୋନିକ୍ସ ସରଞ୍ଜାମ ସହିତ ମାରଣାସ୍ତ୍ର ଜବତ ହେଇଛି। ବାରିପଦା ସଦର ଏସ୍‌ଡିପିଓ କେ.କେ.ହରିପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଟାଉନ ଥାନାଧିକାରୀ ବୀରେନ୍ଦ୍ର ସେନାପତିଙ୍କ ସହ ଅଧିକାରୀମାନେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ଉଚ୍ଛେଦ ପାଇଁ ଦାବି କଲା ହୋ’ ସମାଜ ମହାସଭା

ଯୋଡ଼ା, ୭।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହର ଦେଇ ବିଆର୍‌ପିଏଲ୍ ସ୍ଲରି ପାଇପ୍ ଲାଇନକୁ ତୀବ୍ର ବିରୋଧ କରିଛି ଆଦିବାସୀ ହୋ’ ସମାଜ ମହାସଭା। ସୋମବାର ପାଇପ୍ ଲାଇନ୍ ନିର୍ମାଣ କାର୍ଯ୍ୟ ହେଉଥିବାବେଳେ ଏହାକୁ ବିରୋଧ କରାଯାଇଥିବା ହୋ ସମାଜ ମହାସଭାର ସଭାପତି ଗୌରଚନ୍ଦ୍ର ମୁଣ୍ଡା କହିଛନ୍ତି। ଗତ ୨ ବର୍ଷ ମଧ୍ୟରେ ସହରର ଏକାଧିକ ସ୍ଥାନରେ ସ୍ଲରି ପାଇପ୍ ଲାଇନ୍ ଫାଟି ବସ୍ତି ଓ ଝୁମ୍ପୁଡ଼ି ଅଞ୍ଚଳରେ ବସବାସ କରୁଥିବା ବାସିନ୍ଦାଙ୍କ ଘରେ ବହୁ କ୍ଷୟକ୍ଷତି ହୋଇଥିଲା। ତେଣେ ଏହି ଖଣିଜ ମିଶ୍ରିତ କାଦୁଅ ପାଣି ସିଧାସଳଖ ସୁନା ନଦୀରେ ମିଶି ନଦୀ ଜଳକୁ ପ୍ରଦୂଷିତ କରିଥିଲା। ଏହାସତ୍ତ୍ୱେ ପୁଣି ବସ୍ତିବାସିନ୍ଦାଙ୍କ ଘର ତଳ ଦେଇ ପାଇପ୍ ଲାଇନ୍ ନିର୍ମାଣ କରାଯାଉଛି। ଭୂମି ତଳେ ପାଇପ୍ ଲାଇନ୍ ଫାଟିଲେ ବଡ଼

## ବସ୍ତିବାସିନ୍ଦାଙ୍କ ପାଇଁ ବିପଦ ପାଇପ ଲାଇନ ନିର୍ମାଣ

ବିପତ୍ତି ହେବ ବୋଲି ଅଞ୍ଚଳର ମହିଳା ନଚିମା ବେଗମ କହିଛନ୍ତି। ତେବେ ସଭାପତି ମୁଣ୍ଡାଙ୍କୁ କମ୍ପାନୀର କେତେକ କର୍ମଚାରୀ କଟୁ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ପାଇପ୍ ଲାଇନ୍‌କୁ ସହର ବାହାରେ ନେବା ପାଇଁ ମୁଣ୍ଡା ଦାବି କରି ବଡ଼ବିଲ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲାପାଳ, ଚମ୍ପୁଆ ଉପଜିଲାପାଳ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ଠାରେ ମଧ୍ୟ ଅଭିଯୋଗ ହୋଇଛି। ବିଆର୍‌ପିଏଲ୍ କମ୍ପାନୀର ଅଧିକାରୀ ଶ୍ରୀପତି କହିଛନ୍ତି, କମ୍ପାନୀ ସମସ୍ତ ବୈଧାନିକ ଅନୁମୋଦନ ପାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନ କୌଶଳରେ ଏହି କାର୍ଯ୍ୟ କରାଯାଉଛି ।

# ଧାନବସ୍ତା ରଖି ପ୍ରତିବାଦ

ବନ୍ତ, ୭।୩ (ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ପୁରୁଷଣ୍ଡ ସେବା ସମବାୟ ସମିତିରେ ଧାନର ଅଭାବୀ ବିକ୍ରି ଓ ଟୋକନ ଲାପ୍ସ ପ୍ରତିବାଦରେ ସୋମବାର ସମିତି ଫାଟକ ଆଗରେ ଧାନବସ୍ତା ରଖି ଚାଷୀମାନେ ଧାରଣାରେ ବସିଥିଲେ। ପୂର୍ବରୁ ଧାନ ବିକ୍ରି ସମସ୍ୟା ନେଇ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ସେମାନେ ଧାରଣାକୁ ଓହ୍ଲାଇଥିବା ଚାଷୀ ଅମୂଲ୍ୟରତ୍ନ ନନ୍ଦ କହିଥିଲେ। ଚାଷୀ ଚକ୍ରଧର ପାଣିଗ୍ରାହୀ, ନନ୍ଦ କିଶୋର ପାଣିଗ୍ରାହୀ, ଅଜୟ କର, କୃଷ୍ଣଚନ୍ଦ୍ର ମହୁରୀ, ନରୋତ୍ତମ ଦାଶ, ରମାକାନ୍ତ ନାୟକ, ଗୋପାଳକୃଷ୍ଣ ଦାଶ ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି। ମଧ୍ୟାହ୍ନରେ ଏସିଏସ୍‌ଓ ରଞ୍ଜନ କୁମାର




ପୁରୁଷଣ୍ଡ ସେବା ସମବାୟ ସମିତି ଆଗରେ ଧାରଣାରତ ଚାଷୀ।

ସେଠ, ସମିତି ସମ୍ପାଦକ ନିତ୍ୟାନନ୍ଦ ନାୟକ ଓ ଆଗରପଡ଼ା ଥାନାଧିକାରୀ ସୁକାନ୍ତି କେରେଇ ଧାରଣାରତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ ହେଁ ସୁଫଳ ମିଳି ନ ଥିଲା। ଧାନ ସୁରୁଖୁରୁରେ କିଣାଯିବ ଓ ଲାପ୍ସ ଟୋକନକୁ ପୁନଃ କାର୍ଯ୍ୟକ୍ଷମ ଦାବିରେ ଚାଷୀମାନେ ଧାରଣାରେ ବସି ରହିଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

ଭଦ୍ରକ ଅଫିସ, ୭।୩

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବାସୁଦେବପୁର ଅଞ୍ଚଳର ଚାଷୀମାନେ ଧାରଣା ଦେଇଥିଲେ। ବାସୁଦେବପୁର ସମନ୍ୱିତ କୃଷକ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିବା ବେଳେ ଚାଷୀମାନଙ୍କ ଟୋକନଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରାଇ ଧାନକ୍ରୟ, ବାକିଥିବା ଚାଷୀଙ୍କ ସମସ୍ତ ଧାନ କ୍ରୟ ଆଦି ୩ ଦଫା ଦାବି କରାଯାଇଥିଲା। ଆଗାମୀ ୩ ଦିନ ମଧ୍ୟରେ ସେମାନଙ୍କ ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କୃଷକ ମଞ୍ଚ ସଭାପତି ଶରତ କୁମାର ଖିଲାର, ସନାତନ ବିଶ୍ୱାଳ, ସହଦେବ ଜେନା, କମଳାକାନ୍ତ ବଳ, ନିତ୍ୟାନନ୍ଦ ନାୟକ, ଶ୍ୟାମସୁନ୍ଦର ଖିଲାର, ଅଭୟ କୁମାର ପ୍ରଧାନ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ।

